**ଘୂର୍ଣ୍ଣିବାତ୍ୟା ଦିତୱା ପରେ ଅପରେସନ୍ ସାଗର ବନ୍ଧୁ ଜରିଆରେ ଜାରୀ ରହିଛି ଶ୍ରୀଲଙ୍କାକୁ ଜରୁରୀକାଳୀନ ମାନବିକ ସହଯୋଗ ଏବଂ ବିପର୍ଯ୍ୟୟ ସହାୟତା (HADR) ପ୍ରଦାନ**

ଡିସେମ୍ବର 09, 2025

ବିନାଶକାରୀ ଘୂର୍ଣ୍ଣିବାତ୍ୟା ଦିତୱା ଆସିବାର ତୁରନ୍ତ ପରେ ପ୍ରଥମ ସହାୟତା ପ୍ରଦାନକାରୀ ଭାବରେ ଭାରତ 28 ନଭେମ୍ବର 2025 ରେ ଆରମ୍ଭ କରିଛି ଅପରେସନ୍ ସାଗର ବନ୍ଧୁ ଯାହାର ଲକ୍ଷ୍ୟ ହେଉଛି ଶ୍ରୀଲଙ୍କାକୁ ଜରୁରୀକାଳୀନ ମାନବିକ ସହଯୋଗ ଏବଂ ବିପର୍ଯ୍ୟୟ ସହାୟତା (HADR) ପ୍ରଦାନ।

2. ଭାରତର 'ପଡ଼ୋଶୀ ପ୍ରଥମ' ନୀତି ଓ ଦୃଷ୍ଟିକୋଣ 'ମହାସାଗର' ଦ୍ୱାରା ଅନୁପ୍ରାଣୀତ ହୋଇ ଭାରତ ଏଭଳି କଠିନ ସମୟରେ ଶ୍ରୀଲଙ୍କାର ଲୋକମାନଙ୍କ ନିକଟରେ ଦୃଢ଼ତାର ସହ ଠିଆ ହୋଇଛି। ଶ୍ରୀଲଙ୍କା କର୍ତ୍ତୃପକ୍ଷଙ୍କ ସହ ଘନିଷ୍ଠ ସମନ୍ୱୟରେ କାର୍ଯ୍ୟ କରି ଭାରତ ସମଗ୍ର ଶ୍ରୀଲଙ୍କାରେ ଏବଂ ବିଶେଷ ଭାବରେ ପ୍ରଭାବିତ ହୋଇଥିବା ଅଞ୍ଚଳରେ ତଥା ଦୁର୍ଗମ ଅଞ୍ଚଳରେ ଜୀବନ-ରକ୍ଷକ ସହାୟତା, ଆବଶ୍ୟକୀୟ ସହାୟତା ସାମଗ୍ରୀ ଯୋଗାଣ ଏବଂ ମାନବିକ ସହାୟତା ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରାରମ୍ଭିକ ଚିକିତ୍ସା ପ୍ରଦାନ କରୁଛି। ବାୟୁ-ପଥ ଓ ସମୁଦ୍ର-ପଥ ଦ୍ୱାରା ଜରୁରୀକାଳୀନ ସହାୟତା ସାମଗ୍ରୀଗୁଡ଼ିକୁ ଖୁବ୍ ଶୀଘ୍ର ପଠାଯାଇଛି; BHISHM କ୍ୟୁବ୍ ଓ ବେଲି ବ୍ରିଜ୍ ସିଷ୍ଟମ୍ ଦଳ ସମେତ ଚିକିତ୍ସା ଓ ଇଞ୍ଜିନିୟରିଙ୍ଗ ଉପକରଣ ସହିତ ଅନେକ ବିଶେଷ ସନ୍ଧାନୀ ଓ ଉଦ୍ଧାରକାରୀ ଦଳ ନିୟୋଜିତ କରାଯାଇଛି; ଏବଂ ଭାରତୀୟ ସେନା ଏକ ଫିଲ୍ଡ ହସ୍ପିଟାଲ୍ ମଧ୍ୟ ସ୍ଥାପନା କରାଯାଇଛି।

3. ଏବେ ମଧ୍ୟ ସାଗର ବନ୍ଧୁ ଅପରେସନ୍ ଚାଲୁ ରହିଛି କିନ୍ତୁ ଏବେ ପର୍ଯ୍ୟନ୍ତ ଯେଉଁ ମାନବିକ ସହଯୋଗ ଏବଂ ବିପର୍ଯ୍ୟୟକାଳୀନ ସହାୟତା (HADR) ପ୍ରଦାନ କରାଯାଇଛି ସେଗୁଡ଼ିକ ନିମ୍ନ ପ୍ରକାରର ଅଟେ:

**ସହାୟତା ସାମଗ୍ରୀ ବିତରଣ**

• ଦିତୱା ଘୂର୍ଣ୍ଣିବାତ୍ୟା ହେବାର ପ୍ରଥମ ତିନି ଦିନ ମଧ୍ୟରେ, 53 ଟନ୍ ଜରୁରୀକାଳୀନ ସହାୟତା ସାମଗ୍ରୀ ବିତରଣ କରାଯାଇଛି; ଏବଂ ଅନେକ ବିଶେଷ ସନ୍ଧାନୀ ଏବଂ ଉଦ୍ଧାରକାରୀ ଦଳ ଏବଂ ଡାକ୍ତରୀ ଦଳ ନିୟୋଜିତ ହୋଇଛନ୍ତି।

• 28 ନଭେମ୍ବର 2025 ରେ, କଲୋମ୍ବୋରେ ଭାରତୀୟ ନୌସେନା ଜାହାଜ (INS) ବିକ୍ରାନ୍ତ ଓ INS ଉଦୟଗିରି ଜରିଆରେ 9.5 ଟନ୍ ଜରୁରୀକାଳୀନ ଶୁଖିଲା ଖାଦ୍ୟଦ୍ରବ୍ୟ ଶ୍ରୀଲଙ୍କା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି।

• 29 ନଭେମ୍ବର ଓ 30 ନଭେମ୍ବର 2025 ରେ, ତିନିଟି ଭାରତୀୟ ବାୟୁସେନା (IAF) ବିମାନ - ଦୁଇଟି C130J ଓ ଗୋଟିଏ IL76 - ଦ୍ୱାରା 31.5 ଟନ୍ ସହାୟତା ସାମଗ୍ରୀ ପଠାଯାଇଥିଲା ଯେଉଁଥିରେ ତମ୍ବୁ, ତାରପଲିନ୍, କମ୍ବଳ, ହାଇଜିନ୍ କିଟ୍ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା; ଏବଂ ଏହା ସହିତ ଥିଲା ଅତ୍ୟନ୍ତ ଜରୁରୀକାଳୀନ ଚିକିତ୍ସା ସହାୟକ

HADR ସାମଗ୍ରୀ ଯଥା ଦୁଇଟି BHISHM ମଡ୍ୟୁଲାର ଟ୍ରମା କ୍ୟୁବ୍, 4 ଟନ୍ ରୁ ଅଧିକ ଆବଶ୍ୟକୀୟ ଔଷଧ ଓ ଚିକିତ୍ସା ସାମଗ୍ରୀ, ଆଘାତ ବିଶେଷଜ୍ଞ ଓ ଜରୁରୀକାଳୀନ ଚିକିତ୍ସକ ଥିବା ଆରୋଗ୍ୟ ମୈତ୍ରୀ ଟିମ୍, ଏବଂ ଭାରତର ପ୍ରସିଦ୍ଧ ନେଶନାଲ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ (NDRF) ର ଦୁଇଟି ବିଶେଷ ସହରୀ ସନ୍ଧାନୀ ଓ ଉଦ୍ଧାରକାରୀ (USAR) ଟିମ୍।

• 01 ଡିସେମ୍ବର 2025 ରେ, INS ସୁକନ୍ୟା ଜରିଆରେ ତ୍ରିଙ୍କୋମାଲିଠାରେ ଅତିରିକ୍ତ 12 ଟନ୍ ର ଆବଶ୍ୟକୀୟ ସହାୟତା ସାମଗ୍ରୀ ପହଞ୍ଚାଯାଇଥିଲା।

• 02 ଡିସେମ୍ବର 2025 ରେ, ଏକ IAF C-17 ଗ୍ଲୋବମାଷ୍ଟର ଜରୁରୀକାଳୀନ ଚିକିତ୍ସା ପ୍ରଦାନ କରିବା ପାଇଁ ଆମ୍ବୁଲାନ୍ସ ଟ୍ରମା କେୟାର ୟୁନିଟ୍, ଅପରେସନ୍ ଥିଏଟର ଏବଂ 73 ଜଣ କର୍ମଚାରୀଙ୍କ ସମେତ ଏକ ମଡ୍ୟୁଲାର୍ ଇଣ୍ଡିଆନ୍ ଆର୍ମି ଫିଲ୍ଡ ହସ୍ପିଟାଲ୍ କୁ ଏୟାରଲିଫ୍ଟ କରିଛି। 500 ମୋବାଇଲ୍ ୱାଟର୍ ପ୍ୟୁରିଫିକେସନ୍ ୟୁନିଟ୍ ମଧ୍ୟ ପଠାଯାଇଛି।

• 06 ଡିସେମ୍ବର 2025 ରେ, ଭାରତ ସରକାର ତାମିଲନାଡୁ ରାଜ୍ୟ ସରକାରଙ୍କ ଠାରୁ ସମୁଦାୟ 997 ଟନ୍ ଶୁଖିଲା ଖାଦ୍ୟ ପଦାର୍ଥ ଓ ଅନ୍ୟାନ୍ୟ ସହାୟତା ସାମଗ୍ରୀ ନେଇ ଭାରତୀୟ ନୌସେନା ଦ୍ୱାରା ଜଳପଥରେ ଶ୍ରୀଲଙ୍କାରେ ପହଞ୍ଚାଇଛନ୍ତି। ତିନିଟି ଭାରତୀୟ ନୌସେନା ଲ୍ୟାଣ୍ଡିଙ୍ଗ କ୍ରାଫ୍ଟ ୟୁଟିଲିଟି ଶିପ୍, INS L51, INS L54, ଏବଂ INS L57, ଥୁଥୁକୋଡ଼ିରୁ 352 ଟନ୍ ସହାୟତା ସାମଗ୍ରୀ ନେଇ 07 ଡିସେମ୍ବର 2025 ରେ କଲମ୍ବୋରେ ପହଞ୍ଚାଇଛନ୍ତି। INS ଘଡ଼ିଆଲ୍ ଚେନ୍ନାଇରୁ 645 ଟନ୍ ସହାୟତା ସାମଗ୍ରୀ ନେଇ 08 ଡିସେମ୍ବର 2025 ରେ ତ୍ରିଙ୍କୋମାଲିରେ ପହଞ୍ଚାଇଛି।

**ଜୀବନ ରକ୍ଷା**

• ପ୍ରଶିକ୍ଷିତ ବିପର୍ଯ୍ୟୟ ସହାୟକମାନଙ୍କୁ ଶ୍ରୀଲଙ୍କାରେ ନିୟୋଜିତ କରିବାରେ ଭାରତ ଥିଲା ପ୍ରଥମ ଦେଶ, ଏହି ସହାୟତା ଏଭଳି ସମୟରେ ପ୍ରଦାନ କରାଯାଇଥିଲା ଯେତେବେଳେ ଏଭଳି ସନ୍ଧାନ ଓ ଉଦ୍ଧାର ପ୍ରଚେଷ୍ଟାର ସର୍ବାଧିକ ଆବଶ୍ୟକତା ରହିଥିଲା ଏବଂ ସେହି ସମୟ ହେଉଛି ଦିତୱା ଘୂର୍ଣ୍ଣିବାତ୍ୟା ହେବାର ପ୍ରଥମ 24 ଘଣ୍ଟା, ସେହି ସମୟ ମଧ୍ୟରେ ହିଁ ବିଶେଷ ଦଳ ସେଠାରେ ପହଞ୍ଚିଥିଲେ। ଆଜି ପର୍ଯ୍ୟନ୍ତ, 450 ରୁ ଅଧିକ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି ଏବଂ ସେମାନଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯାଇଛି।

• 29 ନଭେମ୍ବର 2025 ର ସକାଳ ସମୟରେ ଏକ IAF IL-76 ବିମାନ ଭାରତର ପ୍ରତିଷ୍ଠିତ ନେଶନାଲ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ (NDRF) ର ଦୁଇଟି ବିଶେଷ ଟିମ୍ କୁ କଲମ୍ବୋରେ ନେଇ ପହଞ୍ଚାଇଥିଲା। NDRF ଟିମ୍, ଯେଉଁଥିରେ 80 ଜଣ କର୍ମଚାରୀ ଓ ଏକ K9 ଅନୁସନ୍ଧାନ ଓ ଉଦ୍ଧାରକାରୀ ୟୁନିଟ୍ ରହିଛି, ଶ୍ରୀଲଙ୍କା କର୍ତ୍ତୃପକ୍ଷଙ୍କ ସହ ମିଳିତ ଭାବରେ କାର୍ଯ୍ୟ କରିଥିଲେ ଏବଂ କେତେକ ଅତ୍ୟଧିକ ଘୂର୍ଣ୍ଣିବାତ୍ୟା-ପ୍ରଭାବିତ ଅଞ୍ଚଳ ଯଥା ବାଦୁଲ୍ଲା, କୋଚ୍ଚିକାଡେ, ପୁତ୍ତଲମ, କଲମ୍ବୋ ଏବଂ ଗମ୍ପାହା ଇତ୍ୟାଦି ଅଞ୍ଚଳରେ ସହାୟତା ପ୍ରଦାନ କରିଥିଲେ। NDRF

ପାଣିରେ ବୁଡ଼ିଯାଇଥିବା ଲୋକମାନଙ୍କୁ ଖୋଜିବା, ଅଟକି ରହିଥିବା ପରିବାରଗୁଡ଼ିକ ନିକଟରେ ପହଞ୍ଚିବା, କ୍ଷତିଗ୍ରସ୍ତ ଘରଗୁଡ଼ିକ ମଧ୍ୟରେ ଫସି ରହିଥିବା ଲୋକମାନଙ୍କୁ ଉଦ୍ଧାର କରିବା, ମୃତଦେହଗୁଡ଼ିକୁ ଖୋଜି ବାହାର କରିବା, ସହାୟତା ସାମଗ୍ରୀ ବିତରଣ କରିବା ଏବଂ ଆବଶ୍ୟକତା ଅନୁସାରେ ଆଶୁ ଚିକିତ୍ସା ପ୍ରଦାନ କରିବା ଇତ୍ୟାଦି କାର୍ଯ୍ୟ କରିଥିଲା। ସେଠାକାର ବିପଜ୍ଜନକ ଜଳୀୟ ସ୍ଥିତି, କ୍ଷତିଗ୍ରସ୍ତ ମାର୍ଗ ଏବଂ ଅଜଣା ଭୂଭାଗ ସତ୍ତ୍ୱେ ଟିମ୍ ଗୁଡ଼ିକ ସମସ୍ୟାର ମୁକାବିଲା ଦିଗରେ ଯଥାସମ୍ଭବ ସହାୟତା ପ୍ରଦାନ କରିଥିଲେ।

• ଅପରେସନ୍ ସାଗର ବନ୍ଧୁର ପ୍ରଥମ ଦୁଇ ଦିନ ମଧ୍ୟରେ INS ବିକ୍ରାନ୍ତର ଦୁଇଟି ଚେତକ ହେଲିକପ୍ଟରକୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଏହା ପରେ ଏକ ସପ୍ତାହରୁ ଅଧିକ ସମୟ ଧରି ନିରନ୍ତର ଭାବରେ ଦୁଇଟି IAF Mi-17 V5 ହେଲିକପ୍ଟରକୁ ଦୈନିକ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଏହି ହେଲିକପ୍ଟରଗୁଡ଼ିକ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀଲଙ୍କା ବାୟୁସେନା କର୍ମଚାରୀଙ୍କ ସହିତ ମିଳିତ ଭାବରେ କାର୍ଯ୍ୟ କରିଥିଲେ ଯେଉଁ କାର୍ଯ୍ୟଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ରହିଥିଲା ଗର୍ଭବତୀ ମହିଳା, ଶିଶୁ, ଅକ୍ଷମ ବ୍ୟକ୍ତି ଏବଂ ଅନ୍ୟ ଅସୁରକ୍ଷିତ ଲୋକମାନଙ୍କୁ ସହାୟତା ପ୍ରଦାନ କରିବା; ଗୁରୁତର ଭାବରେ ଆହତ ବ୍ୟକ୍ତିମାନଙ୍କୁ ଏୟାରଲିଫ୍ଟ କରିବା; ଶ୍ରୀଲଙ୍କାର ସୈନିକମାନଙ୍କୁ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳକୁ ନେଇଯିବା; ଏବଂ ସହାୟତା ସାମଗ୍ରୀକୁ ନେଇ ଦୂରବର୍ତ୍ତୀ ତଥା ଦୁର୍ଗମ ଅଞ୍ଚଳରେ ବଣ୍ଟନ କରିବା। IAF ର Mi-17 HADR ଅପରେସନ୍ ଶ୍ରୀଲଙ୍କାରେ ଏବେ ମଧ୍ୟ ଚାଲୁ ରହିଛି।

• ଆରୋଗ୍ୟ ମୈତ୍ରୀ ଟିମ୍ ଜରୁରୀକାଳୀନ ଚିକିତ୍ସା ସହାୟତା ପ୍ରଦାନ କରିବା ପାଇଁ BHISHM କ୍ୟୁବ୍ ସହିତ କିଛି ଦିନ ପାଇଁ ଏକ ମେଡିକାଲ୍ ୟୁନିଟ୍ ଚଳାଇଥିଲେ, ଏବଂ କାଟୁନାୟକରେ ଶ୍ରୀଲଙ୍କା ବାୟୁସେନାର ମେଡିକାଲ୍ ଅଫିସରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ, ଯାହାଫଳରେ ଅନ୍ୟ ପ୍ରଭାବିତ ଅଞ୍ଚଳଗୁଡ଼ିକରେ BHISHM କ୍ୟୁବ୍ ଜରିଆରେ ସହାୟତା ପ୍ରଦାନ କରାଯାଇ ପାରିବ।

• ଭାରତୀୟ ସେନାର ଏକ କ୍ଷେତ୍ରୀୟ ଡାକ୍ତରଖାନା, ଯାହାକୁ ବାଦୁଲ୍ଲା ଜିଲ୍ଲାର ମହିୟଙ୍ଗନୟାରେ ସ୍ଥାପନା କରାଯାଇଛି, ସେଠାରେ ୦୪ ଡିସେମ୍ବର 2025 ମଧ୍ୟରେ ୩୩୪୪ ଜଣ ବ୍ୟକ୍ତିଙ୍କର ଚିକିତ୍ସା କରାଯିବା ସହିତ କିଛି ଲୋକଙ୍କର ଅସ୍ତ୍ରୋପଚାର ମଧ୍ୟ କରାଯାଇଛି. ଏବେ ମଧ୍ୟ ସେହି କ୍ଷେତ୍ରୀୟ ଡାକ୍ତରଖାନା ସେଠାରେ ଚାଲୁ ରହିଛି।

**ଯୋଗାଯୋଗର ପୁନଃ-ସ୍ଥାପନା**

• 2025 ମସିହା 03 ଡିସେମ୍ବର ରୁ 09 ଡିସେମ୍ବର ମଧ୍ୟରେ, ଭାରତୀୟ ସେନା ଇଞ୍ଜିନିୟରମାନଙ୍କର ବିଶେଷ ଟିମ୍ ସହିତ ଚାରିଟି ମଡ୍ୟୁଲାର ବେଲି ବ୍ରିଜ୍ ସିଷ୍ଟମ୍ ଚାରିଟି IAF C-17 ଗ୍ଲୋବମାଷ୍ଟର ଏୟାରକ୍ରାଫ୍ଟ ଦ୍ୱାରା ଏୟାରଲିଫ୍ଟ କରାଯାଇ ଶ୍ରୀଲଙ୍କାରେ ସହାୟତା ପାଇଁ ପହଞ୍ଚାଯାଇଛି।

• ଶୀଘ୍ର ଇନଷ୍ଟଲ୍ ହୋଇପାରୁଥିବା ଏହି ବ୍ରିଜ୍ ଷ୍ଟ୍ରକଚରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ମାର୍ଗଗୁଡ଼ିକର ଯୋଗାଯୋଗକୁ ପୁନଃସ୍ଥାପନ କରିପାରିବ, ଯାହାଫଳରେ ଭୂସ୍ଖଳନ ଓ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଯଥାଶୀଘ୍ର ସହାୟତା ପ୍ରଦାନ କରାଯାଇ ପାରିବ।

4. ଅପରେସନ୍ ସାଗର ବନ୍ଧୁ ଦୁଇ ଦେଶର ଲୋକମାନଙ୍କ ମଧ୍ୟରେ ଥିବା ଗଭୀର ଭାବନାତ୍ମକ ବନ୍ଧନ ଏବଂ ଭାରତ ଓ ଶ୍ରୀଲଙ୍କା ସରକାରଙ୍କ ମଧ୍ୟରେ ଥିବା ବିଶ୍ୱସ୍ତ ଭାଗୀଦାରୀର ପ୍ରମାଣ ଅଟେ। ପୂର୍ବ ଅବସ୍ଥାକୁ ଶୀଘ୍ର ଫେରିଆସିବା, ଶୀଘ୍ର ଥଇଥାନ ଏବଂ ପୁନର୍ନିର୍ମାଣ ପାଇଁ ଚାଲୁ ରହିଥିବା ସାଗର ବନ୍ଧୁ ଅପରେସନ୍ ଜରିଆରେ ଭାରତର ସରକାର ଶ୍ରୀଲଙ୍କା କର୍ତ୍ତୃପକ୍ଷଙ୍କ ସହ ମିଶି ଏହି ସହାୟତା କାର୍ଯ୍ୟ ଜାରୀ ରଖିବା ପାଇଁ ଦୃଢ଼ ପ୍ରତିଶ୍ରୁତିବଦ୍ଧ ଅଟନ୍ତି।

ନୂଆଦିଲ୍ଲୀ

ଡିସେମ୍ବର 09, 2025